# Akashvani, Sambalpur

## SAMBALPURI NEWS EVENING BULLETIN

## 27 January 2025- 7.02 pm- 7.12 pm.

*********************************************

୧- ଏକବିଂଶ ଶତାବ୍ଦୀର ଭାରତର୍ ବିକାଶ୍‌କେ ଦେଶର୍ ଯୁଆନ୍‌ମାନେ ନିର୍ଦ୍ଧାରଣ୍ କର୍‌ବେ କହେଲେ ପ୍ରଧାନମନ୍ତ୍ରୀ ।

୨- ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍ ମୁଲ୍ ହେବା ଉତ୍କର୍ଷ ଓଡ଼ିଶା - ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ- ଉଦ୍‌ଘାଟନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୩- ରାଜ୍ୟର୍ ନୂଆଁ ନିର୍ବାଚନ୍ କମିଶନର୍ ହେଲେ ଆଘର୍ ଆଇଏଏସ୍ ଅଧିକାରୀ ମଧୁସୂଦନ୍ ପାଢ଼ୀ ।

ଆଉର୍

୪- ହକି ଇଣ୍ଡିଆ ଲିଗ୍‌ଥି ସ୍ରାଚୀ ରାହ ବେଙ୍ଗଲ୍ ଟାଇଗର୍ସ ଆର୍ ଦିଲ୍ଲୀ ଏସ୍.ଜି. ପାଇପର୍ସ ଭିତ୍‌ରେ ଚାଲିଛେ ମେଚ୍ ।

ଏନ୍‌ସିସି -ପ୍ରଧାନ୍‌ମନ୍ତ୍ରୀ ଏନ୍‌ଏସ୍‌ଡି

ନେସ୍‌ନାଲ୍ କେଡେଟ୍ କର୍ପ୍ସ -ଏନ୍‌ସିସି ହେଉଛେ ପୁର୍‌ଥିର୍ ଯୁଆନ୍‌ମାନଙ୍କର ଗୁଟେ ସବୁନୁ ବଡ଼ ଏକକ ଯୁବ ସଙ୍ଗଠନ୍ ଆଉ ଇ ଯୁବଗୋଷ୍ଠୀ ଏକବିଂଶ ଶତାବ୍ଦୀର ଭାରତର୍ ବିକାଶ୍‌କେ ନିର୍ଦ୍ଧାରଣ୍ କର୍‌ବେ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ । ନୂଆଦିଲ୍ଲୀର୍ କାରିଆପ୍ପା ପେରେଡ୍ ପଡ଼ିଆନ ଏନ୍‌ସିସିର୍ ବାର୍ଷିକ୍ ରେଲି ଉଦ୍‌ଘାଟନ୍ କରି କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍, ଭାରତର୍ ଯୁଆନ୍‌ଗୋଷ୍ଠୀ ଆଏଜ୍ ଦେଶ୍ ସହେତେ ସାରା ପୁର୍‌ଥି ଲାଗି ଗୁଟେ ବଡ଼ ଶକ୍ତି ଭାବେ ଉଭା ହେଇଛେ, ଯେନ୍‌ଟାକେ ସାରା ଦୁନିଆ ସ୍ୱୀକାର୍ କରିଛେ ।

(ଭଏସ୍ ଓଭର୍-୧-ପ୍ରଧାନମନ୍ତ୍ରୀ)

ଇ ବଛର୍ ଏନ୍‌ସିସି ପିଏମ୍ ରେଲିର୍ ବିଷୟବସ୍ତୁ ରହିଛେ 'ଯୁବ ଶକ୍ତି, ବିକଶିତ୍ ଭାରତ୍' । ଇଥି ୮ ଶହନୁ ଅଏତ୍‌କା ଏନ୍‌ସିସି କେଡେଟ୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ କରୁଛନ୍ । ରେଲିଥି ୧୮ଟା ଦେଶର୍ ୧୪୪ ଝନ୍ ଯୁଆନ୍ କେଡେଟ୍ ସାମିଲ୍ ହେଇଛନ୍ । ଇତାର୍‌ଛଡ଼ା ଶିକ୍ଷା ମନ୍ତ୍ରଣାଳୟ, ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଆର୍ ମେରା ଯୁବା ଭାରତ୍ ଅଭିଯାନ୍ ତର୍‌ଫୁ ଦେଶର୍ ୬ ଶହ ୫୦ ଝନ୍ ଅତିଥି ଯୋଗ୍ ଦେଇଛନ୍ ।

ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା I&PR

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା ସମ୍ମିଲନୀଥି ଯୋଗ୍ ଦେବାର୍ ଲାଗି ଆଏବାକାଏଲ୍ ଭୁବନେଶ୍ୱର ଆସ୍‌ବେ । ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ଠାନେ ଆଏବା କାଏଲ୍ ଆଉ ପର୍‌ଦିନ ହେବାର୍‌କେ ଥିବା ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ୍‌କେ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ୍ କର୍‌ବେ । ଇ ବାବ୍‌ଦେ ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ କହିଛନ୍, କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ସହଭାଗିତାଥି ଆଏବା ଦିନେ ଓଡ଼ିଶା ଭାରତ୍ ମାନଚିତ୍ରଥି ଶିଳ୍ପର କେନ୍ଦ୍ରସ୍ଥଲୀ ହେବା । ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ମନ୍ତ୍ରୀ କହିଛନ୍ ଯେ, ଓଡ଼ିଶାଥି ଶିଳ୍ପକ୍ଷେତ୍ର ନ ଖୋବ୍ ସମ୍ଭାବନା ରହିଛେ । ଆଉ ଆଏବା ଦିନେ ଓଡ଼ିଶା ନ ଗୁଟେ ଶିଳ୍ପ ବିପ୍ଳବ ହେବା । ଗଲା ୭ ମାସ୍ ଭିତ୍‌ରେ ରାଜ୍ୟ ସର୍‌କାର୍ ୨ ଲାଖ୍ ୭୫ ହଜାର୍ କୋଟି ଟଙ୍କାର୍ ଶହେ ୫୯ ଟା ପ୍ରକଳ୍ପକେ ଅନୁମୋଦନ୍ କରିଛନ୍ । ଯେନ୍‌ଥିର୍‌ଲାଗି ପାଖାପାଖି ୨ ଲାକ୍ ୧୫ ହଜାର୍ ନିଯୁକ୍ତି ସୃଷ୍ଟି ହେଇପାରିଛେ । ଖାଲି ଧାତବ ନୁହେଁ, ଗ୍ରୀନ୍ ହାଇଡ୍ରୋଜେନ୍, ପ୍ରଯୁକ୍ତିବିଦ୍ୟା, ଖାଦ୍ୟ ପ୍ରକ୍ରିୟାକରଣ୍, କେମିକାଲ୍ସ, ପେଟ୍ରୋକେମିକାଲ୍ସ, ସେମି କଣ୍ଡକ୍ଟର୍ କ୍ଷେତ୍ର ବାଗିର୍ ଭିନ୍ ଭିନ୍ ଶିଳ୍ପ ଓଡ଼ିଶା ନ ଥାପ୍‌ନା ହେବା ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଶ୍ କରିଛନ୍ ।

ସମ୍ମିଳନୀଥି ରାଏଜେ ପାଖାପାଖି ୫ ଲାଖ୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଲକ୍ଷ୍ୟ ରଖାଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ସୂଚନା ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍, ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ପ୍ରମୁଖ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଦେଶ୍ ଆର୍ ବିଦେଶ୍‌ନୁ ଭିନ୍ ଭିନ୍ ଶିଳ୍ପସଂସ୍ଥାର୍ ୭ ହଜାର୍ ୫ ଶହ ନୁ ଅଏତ୍‌କା ଶିଳ୍ପ ପ୍ରତିନିଧି ଆର୍ ନିବେଶକ୍ ସମ୍ମିଳନୀଥି ଯୋଗ୍ ଦେବେ । ସମ୍ମିଳନୀର ୩ ଟା ଅଧିବେଶନ୍‌ଥି ଷ୍ଟାର୍ଟଅପ୍ ଓଡ଼ିଶା, ସ୍କିଲ୍ ଇନ୍ ଓଡ଼ିଶା, ମହିଳା ଉଦ୍ୟୋଗୀଙ୍କର୍ ଭିତ୍‌ରେ ଆଲୋଚନା କରାଯିବା । ୨ ଦିନିଆ ସମ୍ମିଳନୀ ଉତ୍‌ରୁ ଆଏବା ୩୦ ତାରିଖ୍ ସାଧାରଣ ଲୁକ୍‌କର୍ ଲାଗି ପ୍ରଦର୍ଶନୀ ଖୁଲା ରହେବା ବଲି ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ-ଓଡ଼ିଶାଗସ୍ତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର୍ ଆଏବାକାଏଲ୍ ଓଡ଼ିଶା ଗସ୍ତ ଲାଗି କମିଶନରେଟ୍ ପୁଲିସ୍ ତର୍‌ଫୁ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଛେ । ରାଜ୍‌ଧାନୀକେ କଡ଼ା ସୁରକ୍ଷା ଘେର୍‌ଥି ରଖାଯାଇଛେ ବଲି ଭୁବନେଶ୍ୱର ଡିସିପି ପିନାକ ମିଶ୍ର ସୂଚ୍‌ନା ଦେଇଛନ୍ । ପ୍ରଧାନମନ୍ତ୍ରୀଙ୍କର୍ ସୁରକ୍ଷା ଲାଗି ୬୦ ପ୍ଲାଟୁନ୍‌ନୁ ଅଏତ୍‌କା ପୁଲିସ୍ ଫୋର୍ସ ଆଉ ୪ ଶହନୁ ଅଏତ୍‌କା ଅଧିକାରୀ ମୁତୟନ୍ ଅଛନ୍ ।

ପୂର୍ଣ୍ଣାଙ୍ଗ ବଜେଟ          ଏନ୍‌ଏସ୍‌ଡି

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାମରଣ ଆଏବା ୧ ତାରିଖ୍ ୨୦୨୫-୨୬ ବଛର୍ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କର୍‌ବେ । ଆଏବା ବଜେଟ୍ ଘରୋଇ ଆର୍ ବିଶ୍ୱସ୍ତରୀୟ ଭିନ୍ ଭିନ୍ ଆହ୍ୱାନ୍‌ର ମୁକାବିଲା କର୍‌ବାର୍ ଦିଗେ କେନ୍ଦ୍ର ସରକାରଙ୍କର୍ ଅର୍ଥନୈତିକ୍ ପ୍ରାଧାନ୍ୟ ଆର୍ ବାର୍ଷିକ୍ ରଣନୀତି ଉଜାଗର୍ କର୍‌ବା ବଲି ଆଶ୍ କରାଯାଉଛେ । ଆଏବା ବଜେଟ୍‌ଥି ସରକାର ଦେଶେ ଅଭିବୃଦ୍ଧି, ଚାକିରି ସୃଷ୍ଟି, ଇକୋସିଷ୍ଟମ୍ ଆଉ ଭିତିଭୂମିର ନିର୍ମାଣ ଉପରେ ଗୁରୁତ୍ୱ ଦେବେ ବଲି ଅର୍ଥନୀତିଜ୍ଞମାନେ ଆଶ୍ କରିଛନ୍ ।

ରାଜ୍ୟ ମନ୍ତ୍ରୀପରିଷଦ୍‌ର ବୈଠକ     ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ରାଜ୍ୟ ମନ୍ତ୍ରୀପରିଷଦ୍‌ର ବୈଠକ୍ ଚାଲିଛେ । ବୈଠକ୍‌ଥି କେତେଟା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଉପ୍‌ରେ ମୋହର୍ ଲାଗିପାରେ । ଆଏବା କାଏଲ୍‌ଠାନୁ ଉତ୍କର୍ଷ ଓଡ଼ିଶା ସମ୍ମିଲନୀ ମୁଲ୍ ହେବା । ବୈଠକ୍‌ଥି ସମ୍ମିଲନୀ ବାବ୍‌ଦେ ବିସ୍ତୃତ୍ ଆଲୋଚନା ହେବାର୍‌କେ ଥିବାର୍ ବେଲେ ସେ ବାବଦ୍ କେତେଟା

ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇପାରେ । ଇତାର୍‌ଛଡ଼ା ଅଲ୍‌ଗା କେତେଟା ପ୍ରସ୍ତାବ୍‌କେ ଭିଲ୍ ବୈଠକ୍‌ଥି ଅନୁମୋଦନ୍ ମିଲ୍‌ବା ବଲି ସୂଚ୍‌ନା ମିଲିଛେ ।

ନୂଆଁ ନିର୍ବାଚନ୍ କମିଶନର            ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ମଧୁସୂଦନ୍ ପାଢ଼ୀ ନୂଆଁ ରାଜ୍ୟ ନିର୍ବାଚନ୍ କମିଶନର୍ ଭାବେ ନିଯୁକ୍ତି ପାଇଛନ୍ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ତାଙ୍କୁ ଇ ନିଯୁକ୍ତି ଦେଇଛନ୍ । ଇ ବାବ୍‌ଦେ ଆଏଜ୍ ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ସେନ୍ତା ଆଘର୍ ପୁଲିସ୍ ମହାନିର୍ଦ୍ଦେଶକ୍ ପ୍ରକାଶ୍ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କର୍ ପରାମର୍ଶଦାତା ଭାବେ ନିଯୁକ୍ତି ମିଲିଛେ । ତାଙ୍କୁ କେବିନେଟ୍ ମନ୍ତ୍ରୀ ପାହ୍ୟା ଦିଆଯାଇଛେ । ଶ୍ରୀ ମିଶ୍ରଙ୍କର୍ ନିଯୁକ୍ତି ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ଜାରି କରାଯାଇଛେ ।

ମୁଖ୍ୟ ଶାସନ୍ ସଚିବ-ଅତିରିକ୍ତ ଦାୟିତ୍ୱ            ହି.ସ.

ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କୁ ରାଜ୍ୟ ସର୍‌କାର୍ ଅତିରିକ୍ତ ଦାୟିତ୍ୱ ଦେଇଛନ୍ । ମୁଖ୍ୟ ଶାସନ୍ ସଚିବ ଦାୟିତ୍ୱ

ଛଡ଼ା ଶ୍ରୀଜଗନ୍ନାଥ ମନ୍ଦିର୍ ପ୍ରଶାସନ୍‌ର ଅତିରିକ୍ତ ଦାୟିତ୍ୱ ସହେତେ ଶ୍ରୀ ଆହୁଜା ନୂଆଦିଲ୍ଲୀ ଓଡ଼ିଶା ଭବନ୍‌ର ମୁଖ୍ୟ ଆବାସିକ ଅଧିକାରୀ ଦାୟିତ୍ୱଥି ରହେବେ । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ରେଭେନ୍ସା ବାଲିକା ଉଚ୍ଚବିଦ୍ୟାଳୟ ଆର୍‌ଏନ୍‌ୟୁ/

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ କଟକ୍ ରେଭେନ୍ସା ବାଲିକା ଉଚ୍ଚବିଦ୍ୟାଳୟର୍ ବିକାଶ୍ ଲାଗି ୮୬ କୋଟି ୯୧ ଲାଖ୍ ଟଙ୍କା ମଞ୍ଜୁର୍ କରିଛେ । ଶିକ୍ଷାନୁଷ୍ଠାନ୍‌ର ଐତିହାସିକ୍ ପୃଷ୍ଠଭୂମି ଆର୍ ସ୍ଥାପତ୍ୟକେ ନଜର୍‌ଥି ରଖିକରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ଦେଖ୍‌ରେଖ୍‌ଥି ମନ୍ତ୍ରଣାଳୟର୍ ଷ୍ଟାର୍ସ ପ୍ରକଳ୍ପ ଅଧୀନ୍‌ଥି ୨୦୨୪ ବଛର୍ ଲାଗି ଇ ଟଙ୍କା ମଞ୍ଜୁର୍ କରାଯାଇଥିବାର୍ ଜନାପଡ଼ିଛେ ।

ନଗର୍ ଉନ୍ନୟନ୍ ମନ୍ତ୍ରୀ I&PR

ରାଏଜେ ଲୁକ୍‌କର୍ ଆବଶ୍ୟକତାକେ ନଜର୍‌ଥି ରଖିକରି ନୂଆଁ ସହର୍ ନିର୍ମାଣ୍ କରାଯିବା ଆର୍ ପୁର୍‌ନା ସହର୍‌ମାନ୍‌କର୍ ନବକଳେବର କରାଯିବା ବଲି ନଗର୍ ଉନ୍ନୟନ୍ ମନ୍ତ୍ରୀ

ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ଆଏଜ୍ ଭୁବ୍ନେଶ୍ୱର୍ ଠାନେ ବିଭାଗ୍ ଅଧୀନ୍ଥି ଚାଲିଥିବା କର୍ତୃପକ୍ଷ ମାନ୍କର୍ କାମ୍ର ସମୀକ୍ଷା କରିକରି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍, ବିକଶିତ୍ ଓଡ଼ିଶା -୨୦୩୬ କେ ନଜର୍ଥି ରଖିକରି ରାଏଜେ ଥିବା ୧୭ ପ୍ରତିଶତ୍ ଟାଉନ୍ସିପ୍କେ ୩୦ ପ୍ରତିଶତ୍ ବଢ଼ାଯିବା । ଭୁବ୍ନେଶ୍ୱର୍ ଉନ୍ନୟନ୍ କର୍ତୃପକ୍ଷ ତର୍ଫୁ ମୁଲ୍ ହେଇଥିବା ଟି.ପି. ଯୋଜ୍ନା ରାଜ୍ୟର୍ ବାକି ସହର୍ ମାନ୍କୁ ଭିଲ୍ ଲାଗୁ କର୍ବାର୍କେ ଶ୍ରୀ ମହାପାତ୍ର କହିଛନ୍ ।

ଯୋଗାଣ - ଇ-କେଓ୍ୱାଇସି ହି.ସ.

ରାଏଜେ ଏବ୍ତକ୍ ୪୦ ଲାଖ୍ ୪୦ ହଜାର୍ ୮ ଶହ ୬୪ ଝନ୍ ଇ-କେଓ୍ୱାଇସି ନାଇଁ କରି ବଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇହାଦେତକ୍ ୮୮ ପ୍ରତିଶତ୍ ହିତାଧିକାରୀ ଇ-କେଓ୍ୱାଇସି କରିସାରିଛନ୍ । ମୋଟ୍ ୩ କୋଟି ୩୫ ଲାଖ୍ ୫ ଶହ ୭୦ ଝନ୍ ହିତାଧିକାରୀଙ୍କର୍ ଭିତ୍ରୁ ୨ କୋଟି ୯୫ ଲାଖ୍ ୮୯ ହଜାର୍ ୯ ଶହ ୧୨ ଝନ୍ ହିତାଧିକାରୀ ଇ-କେଓ୍ୱାଇସି କରିସାରିଛନ୍ ବଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚ୍ନା ଦେଇଛନ୍ । ଆଏବା ୩୧ ତାରିଖ୍ତକ୍ ଇ-କେଓ୍ୱାଇସି ପ୍ରକ୍ରିୟା ଯାଂଚ୍ କାମ୍ ଶେଷ୍ ହେବାର୍କେ ଥିବାର୍ ବେଲେ ଅଭିଯୋଗ୍ ଆସ୍ଲେ ସର୍କାର୍ ତାର୍ ବିଚାର୍ କର୍ବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଜନଅଭିଯୋଗ୍ ଶୁଣାଣି ଶିବିର

ସମ୍ବଲପୁର/ ବୌଦ୍ଧ/ ସୋନ୍‌ପୁର୍/ କଲାହାଣ୍ଡି

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଏସ୍.ପି. ଶିବିରମାନ୍‌କେ ଉପସ୍ଥିତ୍ ରହିକରି ଅଭିଯୋଗ୍‌ମାନ୍‌କର୍ ସମାଧାନ୍ କର୍‌ବାର୍ ସହେତେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା କୁଚିଣ୍ଡା ପଂଚାୟତ୍ ସମିତି କାର୍ଯ୍ୟାଳୟ ଠାନେ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ଅଭିଯୋଗ ଶୁଣାଣି ଶିବିର ହେଇଯାଇଛେ । ଶିବିର୍ ନ ୬୩ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ ଶଙ୍ଖୁଲେଇ ପଂଚାୟତ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକଙ୍କର୍ ଜନଶୁଣାଣି ଶିବିର୍‌ଥି ୫୮ ଟା ଅଭିଯୋଗ୍ ଆସିଥିଲା । ସେ ଭିତ୍‌ରୁ ୨୭ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ବିନ୍‌କା ବ୍ଲକ୍‌ସ୍ତରୀୟ ମିଲିତ ଜନଶୁଣାଣି ଆର୍ ଉପଶମ ଶିବିର ବ୍ଲକ୍ ସମ୍ମିଳନୀ କକ୍ଷ ଠାନେ ହେଇଯାଇଛେ । ଇଥି ୪୪ ଟା ଅଭିଯୋଗ୍ ପତ୍ର ଗ୍ରହଣ୍

କରାଯାଇଥିବାର୍ ବେଲେ ଗୁଟେ ଦର୍ଖାସ୍ତର ସେହିଠାନେ ସମାଧାନ୍ କରାଯାଇଥିଲା ।

କଲାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ସ୍ତରୀୟ ଯୁଗ୍ମ ଜନଶୁଣାଣି ଆର୍ ସମାଧାନ୍ ଶିବିର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହ ନ ହେଇଯାଇଛେ । ଶିବିର୍ଥି ୩୬ ଟା ଅଭିଯୋଗ୍ ପଞ୍ଜିକୃତ ହେଇଥିଲା ବେଲେ ୧୦ ଟା ଅଭିଯୋଗ୍ର ତୁର୍ତି ସମାଧାନ୍ କରାଯାଇଥିଲା ।

ତୀର୍ଥଯାତ୍ରା ବୌଦ୍ଧ ସମ୍ବାଦଦାତା

ରାଜ୍ୟ ସର୍କାର୍ଙ୍କର୍ ତୀର୍ଥଯାତ୍ରା ଯୋଜ୍ନାଥି ଆଏବା କାଏଲ୍ ୮ ଶହ ଝନ୍ ବରିଷ୍ଠ ନାଗରିକ୍ ୧୦ ଟା ତୀର୍ଥସ୍ଥାନ୍ ବୁଲ୍ବାର୍ ଲାଗି ଯିବେ । ସେଥିର୍ଭିତ୍ରୁ ବୌଦ୍ଧନୁ ୫୫ ଝନ୍ ବରିଷ୍ଠ ନାଗରିକ୍ ରହିଛନ୍ । ସେମାନ୍କର୍ ସାଙ୍ଗେ ୨୫ ଝନ୍ ଏସ୍କଟ୍ ଅଧିକାରୀ ଭିଲ୍ ଯାତ୍ରା କର୍ବେ । ଇ ଟ୍ରେନ୍ ଆଏବା କାଏଲ୍ ବ୍ରହ୍ମପୁର୍ ରେଲ୍ଷ୍ଟେସନ୍ ନୁ ବରିଷ୍ଠ ନାଗରିକ୍ମାନ୍କୁ ନେଇକରି ଯାତ୍ରା ମୁଲ୍ କର୍ବା ।

ଦୁର୍ଘଟଣା- ସମ୍ବଲପୁର ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଯୁଯୁମୁରା ପାଶେ ଗୁଟେ ଟାଟା ଏସ୍ ଗାଡ଼ି ଉଲ୍‌ଟିଯିବାର୍‌ନୁ ୫ଜନ୍‌କର୍ ମୃତ୍ୟୁ ହେବାର୍ ସହେତେ ୨୦ ନୁ ଅଏତ୍‌କା ଜଖମ୍ ହେଇଛନ୍ । ଡଙ୍ଗର୍‌ପଡ଼ାନୁ ମୁଚିବାହାଲ୍‌କେ ଯାଉଥିବାର୍ ବେଳେ ଇ ଦୁର୍ଘଟଣା ଘଟିଛେ । ଆହତ୍‌ମାନ୍‌କୁ ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନ ଭର୍ତ୍ତି କରାଯାଇଛେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗଥି ଆଏଜ୍ ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ଠାନେ ବେଲ୍‌ବୁଡ଼ର ୬ ବଜୁ ସ୍ରାଚୀ ରାହ ବେଙ୍ଗଲ୍ ଟାଇଗର୍ସ ଆର୍ ଦିଲ୍ଲୀ ଏସ୍.ଜି. ପାଇପର୍ସ ଭିତ୍‌ରେ ମେଚ୍ ଚାଲିଛେ । ସେନ୍ତା ରାତି ୮ ବାଜିକରି ୧୫ ମିନିଟ୍‌ଥି ସୁର୍‌ମା ହକି କ୍ଲବ୍ ଆଉ ବେଦାନ୍ତ କଲିଙ୍ଗ ଲାନ୍‌ସର୍ସ ଭିତ୍‌ରେ ମେଚ୍ ହେବା ।